ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ରେଳବାଇ, ଆଇଆଇଟିରେ ହିନ୍ଦୀ ସପ୍ତାହ ଉଦ୍‌ଘାଟିତ

ଜଟଣୀ,୧୪।୯ (ନି.ପ୍ର): ଖୋର୍ଦ୍ଧାରୋଡ଼ ରେଳବାଇ ଏବଂ ଜଟଣୀସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ହିନ୍ଦୀ ଭାଷା ସପ୍ତାହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧାରୋଡ଼ ରେଳବାଇରେ ଡ଼ିଆରଏମ୍ ଶଶୀକାନ୍ତ ସିଂହ ଏହାକୁ ଅନ୍‌ଲାଇନରେ ଉଦ୍‌ଘାଟନ କରିଥିଲେ। ରେଳବାଇ ରାଜଭାଷା ବିଭାଗ ଉତ୍ସବ ଆୟୋଜନ କରିଥିଲା। ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଏଡ଼ିଆରଏମ୍ ଅଶୋକ କୁମାର,ଏଡ଼ିଆରଏମ୍ ରାଜ କୁମାର ଏବଂ ରେଳବାଇ ବ୍ରାଞ୍ଚ ଅଫିସର୍ସ ଭାଗ ନେଇଥିଲେ। ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷା ଶିକ୍ଷା କରିବା ଲାଗି ରେଳ କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ରେଳଷ୍ଟେସନ ଏବଂ ଡ଼ିଆରଏମ୍ ବିଲ୍ଡିଂରେ ହିନ୍ଦୀ ଶବ୍ଦ ସହିତ ଷ୍ଟିକର ଓ ଡ଼ିଜିଟାଲ ପ୍ରଦର୍ଶନ ବୋର୍ଡ଼ ସ୍ଥାପନା କରାଯିବ ବୋଲି ରାଜଭାଷା ଅଧିକାରୀ ସୂଚନା ଦେଇଥିଲେ। ସମଗ୍ର ଦେଶକୁ ଏକତ୍ର ରଖିଥିବା ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରେଳବାଇରେ ୧୮ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ଭାଷା ସପ୍ତାହ ଅନୁଷ୍ଠିତ ହେବ। ଏହି ଅବସରରେ ରେଳ କର୍ମଚାରୀଙ୍କ ନିମନ୍ତେ ଅନ୍‌ଲାଇନରେ ହିନ୍ଦୀ ଭାଷାରେ ପ୍ରବନ୍ଧ, ବିତର୍କ, ନୋଟିଂ ଓ ଡ୍ରାଫ୍ଟିଂ ଏବଂ ହସ୍ତାକ୍ଷର ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ଖୋର୍ଦ୍ଧାରୋଡ଼ର ରାଜଭାଷା ଅଧିକାରୀ ଶ୍ରୀମତୀ ଏଲିନା ପଣ୍ଡା କାର୍ଯ୍ୟକ୍ରମର ସୂଚନା ଦେଇଥିଲେ।

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ପରିସରରେ ହିନ୍ଦୀ ସପ୍ତାହ ପାଳିତ ହୋଇଯାଇଛି। ଦୈନନ୍ଦିନ ଜୀବନରେ ହିନ୍ଦୀ ଭାଷାର ବ୍ୟବହାର ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ଡ଼. ରାଜକୁମାର ସିଂହ ସ୍ୱାଗତ ଭାଷଣରେ କହିଥିଲେ। ଜାତୀୟ ଭାଷା ହିନ୍ଦୀ ଶିକ୍ଷା ଉପରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହିନ୍ଦୀ ଭାଷାରେ କବିତା ଲେଖନ,ହିନ୍ଦୀ ପୁସ୍ତକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଫେସର ଭି.ଆର.ପିଡ଼ିରେଡ଼ି, ଆଇଆଇଟି ରେଜିଷ୍ଟ୍ରାର ଡ଼.ସୁବୋଧ କୁମାର,ମୁଖ୍ୟ ସୁରକ୍ଷାଧିକାରୀ ରାଜକୁମାର ପ୍ରମୁଖ ଯୋଗ ଦେଇଥିଲେ।